# ଫଳ ବିଜ୍ଞାନ ବିଭାଗ, କୃଷି ମହାବିଦ୍ୟାଳୟ

## ଓ.ୟୁ.ଏ.ଟି. ଭୁବନେଶ୍ୱର – ୭୫୧୦୦୩

## ନିଲାମ ନୋଟିସ

ନଂ........286..........ତା.......16.04.2019.......

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ଉଦ୍ୟାନ ବିଜ୍ଞାନ ଗବେଷଣା କେନ୍ଦ୍ର, ବରମୁଣ୍ଡାଠାରେ ଥିବା ଆମ୍ବ ଓ ସପେଟା ବଗିଚାରେ ଫଳ ଆସନ୍ତା ତା ୨୨.୦୪.୨୦୧୯ ରିଖ ସୋମବାର ଦିନ ୧୧ ଘଟିକା ସମୟରେ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଫଳ ବିଜ୍ଞାନ ବିଭାଗ, ଓ.ୟ.ଏ.ଟି.ଙ୍କ କାର୍ଯ୍ୟାଳୟରେ ନିଲାମ ହେବା ପାଇଁ ସ୍ଥିରୀକୃତ ହୋଇଅଛି ।

ଉକ୍ତ ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି ବା ସଂସ୍ଥା ତା ୧୬.୦୪.୨୦୧୯ ଠାରୁ ତା ୨୦.୦୪.୨୦୧୯ ରିଖ ମଧରେ ବିଭାଗୀୟ ମୁଖ୍ୟଙ୍କର କାର୍ଯ୍ୟାଳୟରୁ ନିଲାମ ଦରଖାସ୍ତ ଫର୍ମ ନେଇ ଅମାନତ ସ୍ୱରୁପ ଟ. ୧୦,୦୦୦.୦୦ ପଇଠ କରି ସୋମାନଙ୍କର ନିଲାମ ଦରଖାସ୍ତ ଫର୍ମ ପୁରଣ କରି ବିଭାଗୀୟ ମୁଖ୍ୟଙ୍କ ପାଖରେ ନିଜେ କିମ୍ବା ଡାକଦ୍ୱାରା ତା ୨୦.୦୪.୨୦୧୯ ରିଖ ଅପରାହ୍ନ ୫ଟା ମଧରେ ପଇଠ କରିପାରିବେ । କେବଳ ଅମାନତ ଦାଖଲ କରିଥିବା ବ୍ୟକ୍ତି ବା ସଂସ୍ଥାର ଦରଖାସ୍ତ ଫର୍ମ ବିଚାରକୁ ନିଆଯିବ । ନିଲାମ ପରେ ନିଲାମ ନ ପାଇଥିବା ବ୍ୟକ୍ତି ବା ସଂସ୍ଥାକୁ ତାଙ୍କର ଅମାନତ ଟଙ୍କା ତୁରନ୍ତ ଫେରସ୍ତ କରାଯିବ । ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ବ୍ୟକ୍ତି ବା ସଂସ୍ଥା ସମସ୍ତ ଟଙ୍କା ପ୍ରଫେସର ଓ ବିଭାଗୀୟ ମୁଖ୍ୟଙ୍କର ନିର୍ଦ୍ଦେଶନାମା ପାଇଲା ମାତ୍ରେ ଏକକାଳୀନ ଦାଖଲ କରିବେ ଓ ଫଳ ତୋଳା ଆରମ୍ଭ କରିବେ । ଫଳ ତୋଳା କାର୍ଯ୍ୟ ନିଲାମ ନିର୍ଦ୍ଦେଶନାମା ପାଇଲାଠାରୁ ଜୁନ୍ ୩୦ ତାରିଖ ୨୦୧୯ ମସିହା ମଧରେ ଶେଷ କରିବେ । ଫଳ ତୋଳା କାର୍ଯ୍ୟର ସମୟ ସୀମା ଶେଷରେ ସେ "ନୋ କ୍ଲେମ୍ ସାର୍ଟିଫିକେଟ୍" ଅଫିସର ଇନ୍‌ଚାର୍ଜ, ଉଦ୍ୟାନ ଗବେଷଣା କେନ୍ଦ୍ରଙ୍କ ଠାରୁ ଆଣି ପ୍ରଫେସର ଓ ବିଭାଗୀୟ ମୁଖ୍ୟଙ୍କର ପାଖରେ ଦାଖଲ କରି ତାଙ୍କର ଅମାନତ ଟଙ୍କା ଫେରସ୍ତ ନେବେ ।

ଉକ୍ତ ନିଲାମ ଡାକିବାକୁ ଇଚ୍ଛୁକ ଥିବା ବ୍ୟକ୍ତି ବା ସଂସ୍ଥା ଅଫିସର ଇନ୍‌ଚାର୍ଜ କିମ୍ବା କୃଷି ଓଭରସିଅରଙ୍କର ମୌଖିକ ଅନୁମତି ନେଇ ଫଳ ବଗିଚା ତା ୧୬.୦୪.୨୦୧୯ ଠାରୁ ତା ୨୦.୦୪.୨୦୧୯ ରିଖ ମଧରେ ଦିନ ୮ ଘଣ୍ଟା ଠାରୁ ୧୨ ଘଣ୍ଟା ମଧରେ ବୁଲି ଦେଖିପାରିବେ । ସମସ୍ତ ନିଲାମ ଦରଖାସ୍ତ କାରି ତା ୨୨.୦୪.୨୦୧୯ ରିଖ ଦିନ ୧୧ ଘଣ୍ଟା ସମୟରେ ବିଭଗୀୟ ମୁଖ୍ୟଙ୍କ ଦପ୍ତରରେ ଉପସ୍ଥିତ ରହି ନିଲାମ କାର୍ଯ୍ୟରେ ଅଂଶ ଗ୍ରହଣ କରିବେ ।

ଫଳତୋଳା ମଧରେ ଉଦ୍ୟାନ ବିଜ୍ଞାନ ଗବେଷଣା କେନ୍ଦ୍ରର କୌଣସି କ୍ଷୟକ୍ଷତି ଘଟାଇଲେ କିମ୍ବା ଫଳ ବଗିଚା ମଧରେ ଭୋଜି କରି ମାଦକ ଦ୍ରବ୍ୟ ବ୍ୟବହାର କଲେ ନିଲାମ ନେଇଥିବା ବ୍ୟକ୍ତି ବା ସଂସ୍ଥା ତାହାର କ୍ଷତିପୂରଣ ବହନ କରିବେ ଓ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ।

ନିମ୍ନଲିଖିତ ଅଧିକାରୀ ନିଲାମକୁ କୌଣସି କାରଣରୁ ନାକଚ କରିପାରିବେ । ସେଥିପାଇଁ ସେ କାରଣ ଦର୍ଶାଇବାକୁ ବାଧ ନୁହଁନ୍ତି ।

ବି.ଦ୍ର – ନର୍ଷରି ମଧରେ ଥିବା ସମସ୍ତ ଆମ୍ବଗଛ ଏବଂ ଛୋଟ ସପେଟା ଗଛକୁ ନିଲାମରୁ ବାଦଦିଆଯାଇଅଛି ।

16.4.19

ବିଭାଗୀୟ ମୁଖ୍ୟ

ଫଳ ବିଜ୍ଞାନ ବିଭାଗ